ଧରିତ୍ରୀ
DHARITRI
ଶୁକ୍ରବାର, ୧୯ ନଭେମ୍ବର, ୨୦୨୧



## ସଂକ୍ଷେପରେ

### ଅତିରିକ୍ତ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର

ଅନୁଗୋଳ ଅଫିସ, ୧୮।୧୧: ଅନୁଗୋଳ-ପୁରୀ ମେମୋ ଟ୍ରେନ୍ ଅନୁଗୋଳ ଷ୍ଟେଶନରୁ ଚଳାଚଳ କରିବା ଦାବି ନେଇ ଜିଲା କଂଗ୍ରେସ କମିଟିର ଏକ ପ୍ରତିନିଧିଦଳ ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ଅତିରିକ୍ତ ଡିଆର୍‌ଏମ୍‌ଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କରିଛି। ଏଥିରେ ଦର୍ଶାଯାଇଛି, କରୋନା ମହାମାରୀର ଭୟାବହତାକୁ ଉପଲବ୍ଧି କରି ଅନୁଗୋଳ-ପୁରୀ ମେମୋ ଟ୍ରେନ ଅନୁଗୋଳ ଷ୍ଟେଶନରୁ ଚଳାଚଳ କରୁନାହିଁ ସମ୍ବଲପୁର-ପୁରୀ ଇଣ୍ଟରସିଟି ବନ୍ଦ ରଖାଯାଇଛି। ତେଣୁ ଯଥାଶୀଘ୍ର ଉକ୍ତ ଟ୍ରେନ ଚଳାଇବା ସହ ପୂର୍ବଭଳି ଭଡା ନିଆଯିବାକୁ ଦାବି କରାଯାଇଛି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜିଲା କଂଗ୍ରେସ ଉପସଭାପତି ଚିତ୍ତରଞ୍ଜନ ନାଏକ, ଜିତେନ୍ଦ୍ର ସାହୁ, ଗୋପାଳ ନାଥ, ଧର୍ମେନ୍ଦ୍ର ମିଶ୍ର, ଟିକନ ବେହେରା, ନୀଳକଣ୍ଠ ନାଏକ, ତପସ୍ୱିନୀ ବିଶ୍ୱାଳ, ଅମୂଲ୍ୟ ବେହେରା ଚେତାବନୀ ଦେଇଛନ୍ତି।

### ଜଣେ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧୮।୧୧: ଅନୁଗୋଳ ଜିଲାରୁ ଗୁରୁବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୪୬୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ନୂଆ ଆକ୍ରାନ୍ତ ଜଣକ ଛେଣ୍ଡିପଦା ବ୍ଲକ ଅଞ୍ଚଳର ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଅବକାରୀ ଚଢ଼ାଉ, ୪ ଗିରଫ

ବଇଣ୍ଡା/ କଣିହାଁ, ୧୮।୧୧(ଡି.ଏନ.ଏ.): କିଶୋରନଗର ଥାନା ଗୁଣ୍ଡୁରୀଦାଦର ଗ୍ରାମରେ ବଇଣ୍ଡା ଅବକାରୀ ବିଭାଗ ଗୁରୁବାର ଚଢାଉ କରି ଉମେଶ ମିର୍ଦ୍ଧା ଓ କୁମର ମିର୍ଦ୍ଧାଙ୍କ ଘରୁ ୪୫ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ସେମାନଙ୍କୁ ଗିରଫ କରାଯାଇଛି। ବଇଣ୍ଡା ଅବକାରୀ ଏଏସ୍‌ଆଇ ବଲବୀର ଗଡ଼ନାୟକ ଚଢାଉ କରିଥିଲେ। ସେହିପରି କଣିହାଁ ବ୍ଲକ ସମଲ ଥାନା ପୋଲିସ ବେଆଇନ ଦେଶୀ ମଦ ବିକ୍ରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଏଏସ୍‌ଆଇ ଜିତେନ୍ଦ୍ରନାଥ ସିଂ ପାଟ୍ରୋଲିଂ କରୁଥିବାବେଳେ ସିଆରିଆ ଗ୍ରାମର ବଲ୍ଲଭ ବେହେରାଙ୍କୁ ଗିରଫ କରିଥିଲେ। ସେହିପରି ଏଏସଆଇ ନୃସିଂହ ସାହୁ କର୍ଣ୍ଣପାଳ ଗ୍ରାମର ହରି ବେହେରାଙ୍କୁ ଗିରଫ କରିଥିବା ଆଇଆଇସି ଲବ ବୋଡା ସୂଚନା ଦେଇଛନ୍ତି।

### ବୋଲେରୋ ଚୋରି

ଖମାର,୧୮।୧୧: ପାଲଲହଡ଼ା ବ୍ଲକ ଖମାର ଥାନା କୁଞ୍ଜାମ ଗ୍ରାମର କପିଳେଶ୍ୱର ସାମଲଙ୍କ ବୋଲେରୋ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। କପିଳେଶ୍ୱର ଗାଡ଼ିକୁ ଘର ସାମ୍ନାରେ ରଖିଥିଲେ। ରାତି ୩ଟାରେ ସେ ବାହାରକୁ ଉଠିଥିବାବେଳେ ଗାଡ଼ି ନ ଥିବା ଦେଖିବାକୁ ପାଇଥିଲେ। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

### କାର୍ତ୍ତିକେଶ୍ୱର ପୂଜା



ଖମାର,୧୮।୧୧: ପାଲଲହଡା ବ୍ଲକ ରଜଡଙ୍ଗ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି। ଅତିଥି ଭାବେ ଭାଜପା ନେତା ରୁଦ୍ରନାରାୟଣ ପାଣି, ଅଶୋକ ମହାନ୍ତି, ଜିଲାପରିଷଦ ସଦସ୍ୟ ସରୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସତ୍ୟରଞ୍ଜନ ସାମଲ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗାଁର ଅତିଥି ହେବେ ମା’

- ଆଜିଠାରୁ ମା’ ଲୋଭୀ ଠାକୁରାଣୀଙ୍କ ଯାତ୍ରା
- କରୋନା କାରଣରୁ ହେବନି ଶ୍ରଦ୍ଧାଳୁଙ୍କ ସାମଗମ
- ସମ୍ପୂର୍ଣ୍ଣ ନିରାଡ଼ମ୍ବରରେ ବିଧି ମୁତାବକ ହେବ ପୂଜା



ବଅଁରପାଳ,୧୮।୧୧(ଉପେନ୍ଦ୍ର ରାଉତ)

ଗାଁକୁ ଅତିଥି ହୋଇ ଆସିବେ ମା’ ଲୋଭୀ ଠାକୁରାଣୀ। କାର୍ତ୍ତିକ ପୂର୍ଣ୍ଣିମାରୁ ଆରମ୍ଭ ହେବ ମା’ଙ୍କ ଏହି ଯାତ୍ରା। ୩ ଦିନ ଧରି ଏହି ସ୍ୱତନ୍ତ୍ର ପୂଜା ପାଇଁ ଶେଷ ହୋଇଛି ସମସ୍ତ ପ୍ରସ୍ତୁତି। ହେଲେ କରୋନା କଟକଣା କାରଣରୁ ଏଥିରେ ସାମିଲ ହେବେନି ଶ୍ରଦ୍ଧାଳୁ। ଆଡ଼ମ୍ବରପୂର୍ଣ୍ଣ ଆୟୋଜନକୁ ପ୍ରଶାସନର ଅନୁମତି ନ ଥିବାରୁ ଗତବର୍ଷ ଭଳି ଏଥର ମଧ୍ୟ କେବଳ ପରମ୍ପରାରେ ସୀମିତ ରହିବ ପୂଜା। ଏ ନେଇ ଟ୍ରଷ୍ଟବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀଠାରେ ରହିଛି ମା’ ଲୋଭୀ ଠାକୁରାଣୀଙ୍କ ପୀଠସ୍ଥଳୀ। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ମା’ଙ୍କ ପ୍ରସିଦ୍ଧ ଯାତ୍ରା ୩ ଦିନ ଧରି ପାଳିତ ହୋଇଥାଏ। ଚଳିତବର୍ଷ ମା’ଙ୍କ ଯାତ୍ରାକୁ ନେଇ ଗଡସନ୍ତ୍ରୀ ଓ ତୁଳସୀପାଳ ଗ୍ରାମବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ଗ୍ରାମର ପରିବେଶ ଚଳଚଞ୍ଚଳ ହୋଇପଡ଼ିଛି। କରୋନା କଟକଣା ପାଇଁ ପୂର୍ବପରି ସମସ୍ତଙ୍କ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ନ ଥିଲେ ମଧ୍ୟ ମା’ ଗାଁର ଅତିଥି ଭାବେ ଆସୁଥିବାର ସତ୍କାର ପାଇଁ ପ୍ରସ୍ତୁତି କରାଯାଇଛି। କରୋନା କଟକଣା ନ ଥିଲେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମା’ଙ୍କ ପୀଠକୁ ଆସି ଏହି ସ୍ୱତନ୍ତ୍ର ପୂଜାରେ ସାମିଲ ହୋଇଥାନ୍ତେ। ଅନେକେ ନିଜ ମନସ୍କାମନା ପୂରଣ ପାଇଁ ମାନସିକ ରଖିଥାନ୍ତେ। ପିଲାମାନଙ୍କ ମୁଣ୍ଡନ କରିଥାନ୍ତେ। ପୀଠସ୍ଥଳୀ ଚାରିପଟେ ଅସ୍ଥାୟୀ ଦୋକାନ ବଜାର ପଡ଼ିଥାନ୍ତା। ଭଳିକି ଭଳି ଖାଦ୍ୟ ସାମଗ୍ରୀ ଷ୍ଟଲ ଲାଗିଥାନ୍ତା। ମିନାବଜାରରେ ପ୍ରବଳ ଗହଳି ଜମିଥାନ୍ତା। କିନ୍ତୁ କୋଭିଡ୍ ସେଥିରେ ବାଧକ ସାଜିଛି। ସେଥିପାଇଁ ପୀଠସ୍ଥଳୀ ଖାଁ ଖାଁ ଲାଗୁଛି। ଉଠା ଦୋକାନ ବଜାର ପାଇଁ ଆଦୌ ବ୍ୟବସ୍ଥା କରାଯାଇ ନାହିଁ।

### ନିରାଡ଼ମ୍ବରରେ ହେବ ପାଳନ



“କୋଭିଡ୍ ପୂର୍ବରୁ ମା’ଙ୍କ ଯାତ୍ରା ବହୁ ଆଡ଼ମ୍ବର ସହକାରେ ପାଳନ କରାଯାଉଥିଲା। ମାତ୍ର ୨ ବର୍ଷ ହେଲା ଏହି ଯାତ୍ରାକୁ ଅନୁମତି ମିଳୁନାହିଁ। ତେଣୁ ନିରାଡ଼ମ୍ବରରେ ପୂଜା ପାଳନ କରାଯିବ।

-ସୁନୀଲ ମାଝି, ଟ୍ରଷ୍ଟ ବୋର୍ଡ ସଭାପତି

### ଅତିଥି ସତ୍କାର ବନ୍ଦ



“ମା’ ଲୋଭୀଙ୍କ ପୂଜା ବେଳେ ଗ୍ରାମରେ ୩ ଦିନ ଧରି ଅତିଥି ସତ୍କାର ହୋଇ ନ ଥାଏ। କାରଣ ମା’ ନିଜେ ଅତିଥି ଭବେ ବିରାଜମାନ କରୁଥିବାରୁ ବନ୍ଧୁ ବାନ୍ଧବଙ୍କୁ ଆତିଥ୍ୟ ପ୍ରଦାନ କରାଯାଇ ନ ଥାଏ।

-ଅଞ୍ଜଳି ଭୋଇ, ବ୍ଲକ ଅଧ୍ୟକ୍ଷା

### କଳାବସ୍ତ୍ର ପରିଧାନ ମନା



“ପରମ୍ପରା ଅନୁଯାୟୀ ଦୀର୍ଘ ବର୍ଷ ହେଲା ଗ୍ରାମରେ କେହି କଳା ଶଙ୍ଖା ଓ କଳା ବସ୍ତ୍ର ପରିଧାନ କରନ୍ତି ନାହିଁ ଏହା ମା’ଙ୍କ ଆଭୂଷଣ ହୋଇଥିବାରୁ ସମସ୍ତେ ଏଥିରୁ ବିରତ ରୁହନ୍ତି। କଜଳ ମଧ୍ୟ ଲଗାନ୍ତି ନାହିଁ।

-ବାଉରୀବନ୍ଧୁ ସାହୁ, ତୁଳସୀପାଳ

### ବହୁ ମହିମା ରହିଛି



“ଅନୁଗୋଳ ଜିଲାରେ ଥିବା ବିଭିନ୍ନ ଶକ୍ତି ପୀଠ ମଧ୍ୟରୁ ମା’ ଲୋଭୀଙ୍କ ପୀଠ ଅନ୍ୟତମ। ପ୍ରତିବର୍ଷ ଯାତ୍ରା ବେଳେ ବହୁ ଶ୍ରଦ୍ଧାଳୁ ଅଧିଆ ପଡ଼ିଥାନ୍ତି। ମା’ ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ। ତାଙ୍କର ଅପାର ମହିମା ରହିଛି।

-ନର୍ମଦା ମାଝି, ସରପଞ୍ଚ, ଗଡସନ୍ତ୍ରୀ

ଆୟୋଜନ ସମ୍ପୂର୍ଣ୍ଣ ନିରାଡମ୍ବର ଥିଲେ ବି ମା’ଙ୍କ ଯାତ୍ରା ପୂର୍ବ ପରମ୍ପରା ଓ ବିଧିବିଧାନ ଅନୁଯାୟୀ କରାଯିବ। ତୁଳସୀପାଳସ୍ଥିତ ଦିଅଁଘରୁ ମା’ଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗଡସନ୍ତ୍ରୀସ୍ଥିତ ପୀଠସ୍ଥଳୀକୁ ଅଣାଯାଇ ପୂଜା କରାଯିବ। ବର୍ଷେ ହେଲା ମା’ଙ୍କ ଏହି ସ୍ୱତନ୍ତ୍ର ପୂଜାକୁ ଗ୍ରାମବାସୀ ଚାହିଁ ରହିଥିବାରୁ ସେମାନଙ୍କ ଅପେକ୍ଷାର ଅନ୍ତଃ ହେବାକୁ ଯାଉଛି।

# ‘ସଙ୍ଗଠନ ମଜଭୁତ କର’



ମାନଜୋର ଛକ ନିକଟ ସଭାଘରେ ଅନୁଷ୍ଠିତ ବୈଠକରେ ନେତା ଓ କର୍ମୀମାନେ।

ବଇଣ୍ଡା/ ଆଠମଲ୍ଲିକ, ୧୮।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣମଣ୍ଡପ ପରିସରରେ ଗୁରୁବାର ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି କୁମୁନ୍ଦ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ତୃଣମୂଳସ୍ତରରୁ ସଙ୍ଗଠନକୁ କିପରି ମଜଭୁତ୍ କରାଯିବ ସେ ନେଇ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି ଅରୁଣ ସାହୁ, ବ୍ଲକ ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ଜିତେନ୍ଦ୍ର ବେହେରା, ଦୁର୍ଯ୍ୟୋଧନ ପ୍ରଧାନଙ୍କ ସମେତ ୨୩ ପଞ୍ଚାୟତର ବିଜେଡି କର୍ମୀ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁଗୋଳ ଜିଲା ଗସ୍ତକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଆଠମଲ୍ଲିକ ବିଜେଡି ପକ୍ଷରୁ ସ୍ଥାନୀୟ ମାନଜୋର ଛକ ନିକଟ ସଭାଘରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଅନୁଗୋଳ କାର୍ଯ୍ୟକ୍ରମରେ କର୍ମୀମାନଙ୍କ ଯୋଗ ଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁଙ୍କ ସଭାପତିତ୍ୱରେ ଏନ୍‌ଏସି ସଭାପତି ପ୍ରଦୀପ ଦାଶ, ବିଧାୟକଙ୍କ ବ୍ଲକ ପ୍ରତିନିଧି କ୍ଷୀରୋଦ ବଘାର, ଏନ୍‌ଏସି ପ୍ରତିନିଧି ଗଦାଧର ସ୍ୱାଇଁଙ୍କ ସମେତ ବୈଠକରେ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ଉନ୍ନୟନ ପାଇଁ ମିଳିଲା ୭ କୋଟି

ଅନୁଗୋଳ ଅଫିସ, ୧୮।୧୧

ଅନୁଗୋଳ ଗସ୍ତରେ ଆସିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା(ମୁକ୍ତା)ରେ ସହରର ଉନ୍ନୟନ କାର୍ଯ୍ୟ ପାଇଁ ୬ କୋଟି ୮୦ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅର୍ଥ ବ୍ୟୟରେ ଓପନ୍ ଜିମ୍ ସହ ୱାକିଂ ଟ୍ରାକ୍, ଭେଣ୍ଡିଂ ଜୋନ୍ ଆଦି କରାଯିବ। ଗତ ସପ୍ତାହରେ ଭିଡିଓ କନ୍‌ଫରେନ୍ସ ଯୋଗେ ହୋଇଥିବା ବୈଠକରେ ନଗର ବିଜେଡି ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଥିଲା। ତେବେ ୭ ଦିନ ନ ପୂରୁଣୁ ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ କରିଥିବାରୁ ଏକ ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ କୃତଜ୍ଞତା ଜଣାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଯୁବନେତା ଅରୁନାଭ ସିଂହ, ନଗର ଯୁବ ସଭାପତି ବିଶ୍ୱରଞ୍ଜନ ସାହୁ, ନଗର ମହିଳା ସଭାନେତ୍ରୀ ମାଳିନୀ ସର, ରାଜ୍ୟ ଉପସଭାପତି ସୁଜିତ୍ ଦ୍ୱିବେଦୀ, ନଗର ସଭାପତି ବୃନ୍ଦାବନ ସ୍ୱାଇଁ, ନଗର ଛାତ୍ର ସଭାପତି ଦେବବ୍ରତ ନାଏକ, ଯୁବ ନେତା ଅଜିତ୍ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତାମାନେ।

# ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଅନୁଗୋଳ ଅଫିସ,୧୮।୧୧

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ)ର ଜିନ୍ଦଲ ନଗର କ୍ରୀଡାଙ୍ଗନଠାରେ ଆମିଟି କପ୍ ଇଣ୍ଟର ଇଣ୍ଡଷ୍ଟ୍ରି ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିଜିଓନାଲ ଅଧିକାରୀ ଡ. ଅନୁପ ମଲିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଜେଏସ୍‌ପିଏଲ୍ ଏବଂ ଏମ୍‌ଜିଏମ୍ ଷ୍ଟିଲ ମଧ୍ୟରେ ଖେଳାଯାଇଥିଲା। ଏମ୍‌ଜିଏମ୍ ଷ୍ଟିଲ ପ୍ରଥମେ ବ୍ୟାଟିଂ କରି ୯୩ ରନ କରିଥିଲା। ଜବାବରେ ଜେଏସ୍‌ପିଲ୍ ଷ୍ଟିଲ୍ ୨ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ ଜେଆଇଟିପିଏଲ୍ ଓ ଜିଏମ୍‌ଆର୍ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ଜେଆଇଟିପିଏଲ୍ ବ୍ୟାଟିଂ କରି ୧୮୦ ରନ କରିଥିଲା। ଜବାବରେ ଜିଏମ୍‌ଆର୍ ଟିମ୍ ୧୧୭ ରନ କରି ପରାସ୍ତ ହୋଇଥିଲା। ଜେଏସ୍‌ପିଏଲ୍ ଅନୁଗୋଳ ପ୍ଲାଣ୍ଟର ମୁଖ୍ୟ ହୃଦୟେଶ୍ୱର ଝା, ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ସବ୍ୟସାଚୀ ବନ୍ଦୋପାଧ୍ୟାୟ ଏବଂ ଟାଟା ଷ୍ଟିଲ ପରିବେଶ ବିଭାଗ ମୁଖ୍ୟ ସରୋଜ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଅବସରରେ ପ୍ଲାଣ୍ଟ ଅଧିକାରୀ ଓ ଅନ୍ୟମାନେ।

### ୧୭ ଏସ୍‌ଆଇଙ୍କୁ ଅନ୍ୟ ଜିଲାକୁ ବଦଳି

ଅନୁଗୋଳ ଅଫିସ, ୧୮।୧୧

ଅନୁଗୋଳ ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟ କରୁଥିବା ୧୭ ଜଣ ସବ୍‌ଇନ୍ସପେକ୍ଟରଙ୍କ ଅନ୍ୟ ଜିଲାକୁ ବଦଳି ହୋଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମା ୧୦୯୮/୧୮।୧୧।୨୦୨୧ ଅନୁଯାୟୀ ଏସ୍‌ଆଇ ଅଶୁଂମାନ କିରୋଙ୍କୁ ଦେବଗଡ଼, ଆଶିଷ କୁମାର ସ୍ୱାଇଁଙ୍କୁ କମିଶନରେଟ୍ ପୋଲିସ, ମନୋହର ପାତ୍ରଙ୍କୁ ମୟୂରଭଞ୍ଜ, ବିକ୍ରମ କୁମାର ଭୂୟାଁଙ୍କୁ କେନ୍ଦୁଝର, ସଂଘମିତ୍ରା ଶତପଥୀଙ୍କୁ ପୁରୀ, ଅନୁପମା ପାତ୍ରଙ୍କୁ କମିଶନରେଟ୍ ପୋଲିସ, ଦେବଯାନୀ ଛତରଙ୍କୁ ସମ୍ବଲପୁର, ଆଶିଷ କୁମାର ଦାସଙ୍କୁ କମିଶନରେଟ୍ ପୋଲିସ, ସରୋଜ କୁମାର ଦାସଙ୍କୁ ବାଲେଶ୍ୱର, କେଲୁ ଚରଣ ଜେନାଙ୍କୁ ପୁରୀ, ଅର୍ଚ୍ଚନା ନାୟକଙ୍କୁ କମିଶନରେଟ୍ ପୋଲିସ, ପ୍ରିୟବ୍ରତ ପ୍ରଧାନଙ୍କୁ କମିଶନରେଟ୍ ପୋଲିସ, ସ୍ୱର୍ଣ୍ଣମୟୀ ଷଣ୍ଢଙ୍କୁ ବାଲେଶ୍ୱର, ରେଜେନ୍ କୁମାର ମୁର୍ମୁଙ୍କୁ ଭଦ୍ରକ, ପ୍ରମୋଦ ନାଏକଙ୍କୁ କମିଶନରେଟ୍ ପୋଲିସ, ଯମୁନା ମାରାଣ୍ଡିଙ୍କୁ କେନ୍ଦୁଝର, ଗୁରୁବାରୀ ସାଏଙ୍କୁ ଭଦ୍ରକ ଜିଲାକୁ ବଦଳି କରାଯାଇଛି। ଅନ୍ୟପକ୍ଷରେ ବଲାଙ୍ଗୀରରେ କାର୍ଯ୍ୟ କରୁଥିବା ଆଶୁତୋଷ ସାମଲଙ୍କ ଅନୁଗୋଳ, ଅୟଶକାନ୍ତ ଜେନାଙ୍କ ମୟୂରଭଞ୍ଜରୁ ଅନୁଗୋଳ, ରାଜେଶ କୁମାର ଶତପଥୀଙ୍କ ମୟୂରଭଞ୍ଜରୁ ଅନୁଗୋଳ, ଚଞ୍ଚଳା ନାୟକଙ୍କ ସୁବର୍ଣ୍ଣପୁରରୁ ଅନୁଗୋଳକୁ ବଦଳି ହୋଇଛି।

### ଭଡା ବାହାନାରେ ନେଇଗଲେ ଜମି

ଅନୁଗୋଳ ଅଫିସ, ୧୮।୧୧

ମାମୁଙ୍କୁ ଭଡା କରାଇଦେବା ବାହାନାରେ ଘରୁ ଡ଼ାକି ଆଣି ଭଣଜା ତାଙ୍କ ଜମି ହଡ଼ପ କରିନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଅନୁଗୋଳ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରେ ଗୁରୁବାର ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, ସଦରଥାନା କୁଇଓ ଗ୍ରାମରେ ଫଗୁଆ ଗୋଛାୟତଙ୍କ ଘର। ତାଙ୍କ ବାର୍ଦ୍ଧକ୍ୟ ଅବସ୍ଥାର ସୁଯୋଗ ନେଇ ଭଜଣା ଭଡା କରାଇବାକୁ ଟିପ ଚିହ୍ନ ନେଉଥିବା କହି ରଙ୍ଗକଟା ମୌଜାର କିଛି ଜମି ବିକ୍ରି କରିଥିବା ଫଗୁଆ ଅନୁଗୋଳ ସଦର ଥାନା ଓ ବଅଁରପାଳ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। ସବ୍‌ରେଜିଷ୍ଟ୍ରାର ଦୋଳଗୋବିନ୍ଦ ସାହୁ ଘଟଣାର ତଦନ୍ତ କରୁଛନ୍ତି।

# ଅକ୍ଷୟ ସଙ୍ଗୀତରେ ଝୁମିଲେ ସହରବାସୀ

ବଅଁରପାଳ,୧୮।୧୧(ଡି.ଏନ.ଏ.)

ଅନୁଗୋଳ ମାରୱାଡ଼ି ଧର୍ମଶାଳା ପରିସରରେ ବୁଧବାର ‘ଅକ୍ଷୟ ସଂଗୀତ ଚର୍ଚ୍ଚା’ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତର ଚର୍ଚ୍ଚାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ପରେ ଅକ୍ଷୟ ସଂଗୀତ ପରିବେଷଣ ଓ ସମ୍ମାନ ପ୍ରଦାନ ସହ ଉଦ୍‌ଯାପିତ ହୋଇଥିଲା। ଆଲୋଚକ ଭାବେ ସଂଘମିତ୍ରା ପ୍ରଧାନ, ସୁଧାଂଶୁ ଶେଖର ଦାସ, ରାଜୀବ ଲୋଚନ ପଟ୍ଟନାୟକ, ଗଜେନ୍ଦ୍ର ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଶ୍ୱରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିଲେ। ମୌସୁମୀ ଦାସ, ପଲ୍ଲବୀ ପ୍ରିୟଦର୍ଶିନୀ ରାଉତ, ଦେବବର୍ଣ୍ଣିନୀ ମହାପାତ୍ର, ମମତା ମହାପାତ୍ର, ମଧୁଲିତା ସାହୁ, ଅନିତା ସାମଲ, ଅଧ୍ୟାପକ ସନ୍ତୋଷ ମିଶ୍ର ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ରଣଜିତ ଦାସ ଓ ଅସିତ ପ୍ରଧାନଙ୍କୁ ଅକ୍ଷୟ ସେବା ପୁରସ୍କାର, ସଂଘମିତ୍ରା ପ୍ରଧାନଙ୍କୁ ଆଗୁଆ ମହିଳା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅନ୍ୟ ୪୦ ଜଣଙ୍କୁ ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟନ୍ତ କର, ସଞ୍ଜୀବ ମାଣ୍ଡୋଠିଆ, ଉମେଶ ପାଣି, ପ୍ରିୟମ୍ବଦା ପାଣି, ପର୍ଶୁରାମ ଦାସ ପ୍ରମୁଖ ସହଯୋଗ କରିଥିଲେ।



କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ୨ ଘଣ୍ଟା ଏନ୍‌ଏଚ୍‌ରେ ଯାତାୟାତ ଠପ୍

### ବୋଲେରୋ ଧକ୍କାରେ ଛାତ୍ର ଗୁରୁତର

ଭୁବନ, ୧୮।୧୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନ୍ତର୍ଗତ ମଠକରଗୋଳା ଛକରେ ଗୁରୁବାର ବୋଲେରୋ ଧକ୍କାରେ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ମଠକରଗୋଳା କଲେଜର ଯୁକ୍ତ ୩ ପ୍ରଥମ ବର୍ଷ କଳା ବିଭାଗ ଛାତ୍ର ସୁମନ୍ତ ନାୟକ। ଦୁର୍ଘଟଣା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଛାତ୍ରୀଛାତ୍ରମାନେ ପ୍ରାୟ ୨ଘଣ୍ଟା ଧରି ଟାୟାର ଜାଳି ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଗୁରୁତର ଛାତ୍ରଙ୍କ ଚିକିତ୍ସା ପାଇଁ ରେଡ୍‌କ୍ରସ୍‌ରୁ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ସୁମନ୍ତଙ୍କ ଘର କହ୍ନେଇପାଳ ଗ୍ରାମରେ। କଲେଜରୁ ପାଠପଢ଼ା ସାରି ସେ ବସ୍‌କୁ ଅପେକ୍ଷା କରିଥିବାବେଳେ କାମାକ୍ଷାନଗରରୁ ଭୁବନ ଆଡ଼କୁ ଦ୍ରୁତଗତିରେ ଆସୁଥିବା ଉକ୍ତ ବୋଲେରୋ ପଛପଟୁ ଧକ୍କା ଦେଇଥିଲା। ତାଙ୍କୁ ପ୍ରଥମେ ମଠକରଗୋଳା ଡାକ୍ତରଖାନା ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତ ଛାତ୍ରଙ୍କ ଚିକିତ୍ସା ଖର୍ଚ୍ଚବହନ କରିବା, ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିବା ଦାବିରେ ଛାତ୍ରୀଛାତ୍ରମାନେ ରାସ୍ତାରୋକୋ କରିଥିଲେ। ଫଳରେ କାମାକ୍ଷାନଗର, ଭୁବନ, ଯାଜପୁରକୁ ଯାତାୟାତ ଠପ୍ ହୋଇଯାଇଥିଲା। ଥାନାଧିକାରୀ ସୁନୀଲ କୁମାର କର ସଦଳବଳ ପହଞ୍ଚି ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ବୋଲେରୋକୁ ଭୁବନ ପୋଲିସ ଜବତ କରି କାମାକ୍ଷାନଗର ଥାନାଧିକାରୀଙ୍କୁ ହସ୍ତାନ୍ତର କରିଛି। ଅଟକ ଡ୍ରାଇଭରଙ୍କୁ ପଚରାଉଚୁରା କରାଯାଉଛି। ଏ ନେଇ କାମାକ୍ଷାନଗର ଥାନାରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଜନଗହଳିପୂର୍ଣ୍ଣ ସ୍ଥାନରେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଦାବି ହୋଇଛି।



ଛାତ୍ରୀଛାତ୍ରମାନେ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ମା’ ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଅବସରରେ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ବାଉରୀ ବନ୍ଧୁ ସାହୁ
ବିଜେଡି ଉପସଭାପତି, ଅନୁଗୋଳ

ମା’ ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଅବସରରେ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଭଜମନ ମହାନ୍ତି
ଟ୍ରଷ୍ଟି ସମ୍ପାଦକ

ମା’ ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଅବସରରେ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀଧର ଗଡ଼ନାୟକ
ପ୍ରଧାନ ଶିକ୍ଷକ, ନେହେରୁ ହାଇସ୍କୁଲ

ମା’ ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଅବସରରେ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଅଞ୍ଜଳି ଭୋଇ
ବ୍ଲକ ଅଧ୍ୟକ୍ଷା, ବଅଁରପାଳ

ମା’ ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଅବସରରେ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ନର୍ମଦା ମାଝୀ
ସରପଞ୍ଚ, ଗଡ଼ସନ୍ତ୍ରୀ

ମା’ ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଅବସରରେ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ସୁନୀଳ ମାଝୀ
ଟ୍ରଷ୍ଟି ସଭାପତି

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଇନରହ୍ୱିଲ କ୍ଲବ କପିଳାସ ପକ୍ଷରୁ ସଦର ବ୍ଲକ ଗୋବିନ୍ଦପୁର ଜୀବନଜ୍ୟୋତି ଆଶ୍ରମ ପରିସରରେ ଦିବ୍ୟାଙ୍ଗ ପିଲାମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। କ୍ଲବ୍ ପକ୍ଷରୁ ଚିତ୍ରାଙ୍କନ ପାଇଁ ରଙ୍ଗ, ତୂଳୀ, ପେନ୍ସିଲ, ପେନ୍ ଆଦି ପ୍ରଦାନ କରାଯାଇଛି। ଏହି ଅବସରରେ ପିଲାମାନେ ନୃତ୍ୟଗୀତ, ଖେଳକୁଦ କରି ମନୋରଞ୍ଜନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଥିଲା।

## ସଂକ୍ଷେପରେ

### ବିର୍ସାଙ୍କ ଜୀବନୀ ପ୍ରେରଣାଦାୟୀ

**ଢେଙ୍କାନାଳ ଅଫିସ, ୧୮।୧୧:** 'ଆଜାଦି କା ଅମୃତ ମହୋତ୍ସବ' ପାଳନ ଅବସରରେ ଢେଙ୍କାନାଳ ଜିଲା ବିଜ୍ଞାନ କେନ୍ଦ୍ର ପରିସରରେ ଗୁରୁବାର 'ବିର୍ସା ମୁଣ୍ଡା: ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ପ୍ରଖ୍ୟାତ ଆଦିବାସୀ ନେତାଙ୍କ ଅବଦାନ' ଶୀର୍ଷକ ଭର୍ଚୁଆଲ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ସହାୟକ ଅଧ୍ୟାପକ ଡ. ପ୍ରିୟଦର୍ଶୀ କର ଆଲୋଚନାଚକ୍ରରେ ଅଂଶଗ୍ରହଣ କରି କହିଲେ, ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ଜୀବନ ବଳିଦାନ ଦେଇଥିବା ବିର୍ସା ମୁଣ୍ଡାଙ୍କ ଜୀବନୀ ପ୍ରେରଣାଦାୟୀ। ବ୍ରିଟିଶ ସରକାରଙ୍କ ଅନ୍ୟାୟ ବିରୋଧରେ ତାଙ୍କର ସଂଗ୍ରାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ପ୍ରତିଯୋଗିତାରେ ଦେଶର ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ର ଯୋଡ଼ି ହୋଇଥିଲେ। ଜିଲା ବିଜ୍ଞାନ କେନ୍ଦ୍ର ଅଧିକାରୀ ଏମ୍.ଏମ୍. ରାଉତ ଉପସ୍ଥିତ ଥିଲେ।

### ଆଇଆଇଏମ୍‌ସିରେ ମୁକ୍ତାକାଶ ଗ୍ରନ୍ଥାଗାର

**ଢେଙ୍କାନାଳ ଅଫିସ, ୧୮।୧୧:** ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ମଙ୍ଗଳବାର ମୁକ୍ତାକାଶ ଗ୍ରନ୍ଥାଗାର 'ଖୁସି' ଉଦ୍‌ଘାଟିତ ହୋଇଯାଇଛି। ଖ୍ୟାତନାମା ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ, ଯୁବ ନାଟ୍ୟ ନିର୍ଦ୍ଦେଶକ ଦୀନେଶ ଦାସ, ଆଇଆଇଏମ୍‌ସି ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ମୁକ୍ତାକାଶ ଗ୍ରନ୍ଥାଗାରରେ ବିଭିନ୍ନ ପତ୍ରପତ୍ରିକା ତଥା ଅବସର ବିନୋଦନ ପାଇଁ ବହି ରହିଛି। ଏହାର ଡିଜାଇନ କରିଛନ୍ତି ବୈଷୟିକ ସଂଯୋଜକ ବଦ୍ରିନାଥ ଜେନା। ସହକାରୀ ପ୍ରଫେସର ଡ. ଜ୍ୟୋତିପ୍ରକାଶ ମହାପାତ୍ର, ସେକ୍ସନ ଅଫିସର କେଦାରନାଥ ଜେନା, ଶିକ୍ଷା ସଂଯୋଜକ ଜିତେନ୍ଦ୍ର ପତି, ଗ୍ରନ୍ଥାଗାରିକ ଶୁଭଙ୍କରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଭୋଟର ତାଲିକା ସଚେତନତା

**ପରଜଙ୍ଗ, ୧୮।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଗୁରୁବାର ଭୋଟର ତାଲିକା ପଞ୍ଜୀକରଣ ଓ ସଂଶୋଧନ ସମ୍ପର୍କିତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧକ୍ଷ ନରେନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ତହସିଲଦାର ଖଗେଶ୍ୱର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ୧୮ବର୍ଷରୁ ଉର୍ଦ୍ଧ୍ୱ ନୂତନ ଭୋଟର ତାଲିକାଭୁକ୍ତ ହେବା, ତ୍ରୁଟି ଥିଲେ ସଂଶୋଧନ କରିବା, ଠିକଣା ପରିବର୍ତ୍ତନ ଆଦି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଅଧାପକ ଶାରଦା ପ୍ରସନ୍ନ କବି, ପ୍ରଶାନ୍ତ ନାୟକ, ରବୀନ୍ଦ୍ର ସାହୁ, ଅଧାପିକା ଡଲିମା ଭୁକ୍ତା, ଖେଳ ଶିକ୍ଷକ କବିବର ସାହୁ ଏବଂ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଗ୍ରାମରେ ସଚେତନତା ସୃଷ୍ଟି କରିଥିଲେ।

### ଧାର୍ମିକ କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୧୮।୧୧:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ାଠାରେ ବୁଧବାର ଅହମ୍ମଦିଆ ମୁସଲିମ୍ ମହିଳା ସଙ୍ଗଠନ ଲଜ୍‌ନା ଇମାଇଲାର ଦୁଇ ଦିବସୀୟ ଧାର୍ମିକ କାର୍ଯ୍ୟକ୍ରମ 'ଇଜ୍‌ତେମା' ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଉର୍ଦ୍ଦୁ, ଓଡ଼ିଆ କବିତା, ବକ୍ତୃତା, କୋରାନର ତିଲାୱତ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମ୍ୟୁଜିକ୍ ଚେୟାର, ଦଉଡ଼ି ଟଣା ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଶ୍ରେଷ୍ଠ ୩ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ।

### ୫୩ ରୋଗୀଙ୍କ ଚକ୍ଷୁ ପରୀକ୍ଷା



**ଛେଣ୍ଡିପଦା,୧୮।୧୧(ସ୍ୱ.ପ୍ର.):** ଛେଣ୍ଡିପଦା ବୈଦିକ ସତ୍‌ସଙ୍ଗ ଓ ଯୋଗକେନ୍ଦ୍ର ପରିସରରେ ଗୁରୁବାର ଅନୁଗୋଳ ଭୂମିକା ଚକ୍ଷୁ ହସ୍ପିଟାଲ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଞ୍ଚଳର ୫୩ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୭ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ପଠାଯାଇଛି। ସତ୍‌ସଙ୍ଗ ସଭାପତି ରାଜକିଶୋର ସାହୁ, ଉପସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ବିଜୟ ଗଡନାୟକ, କୋଷାଧକ୍ଷ ଦୁର୍ଯ୍ୟୋଧନ ବିଶ୍ୱାଳ ଓ ବାଲୁଙ୍କେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ଆଇନଜୀବୀ ଲମ୍ବୋଦର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ସ୍ୱର୍ଣ୍ଣପ୍ରଭା ପ୍ରଧାନ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଲିନୁ ମାଝି, କିଶୋର ବେହେରା, ବରୁଣ ସାହୁ ସହଯୋଗ କରିଥିଲେ।

# ସୌନ୍ଦର୍ଯ୍ୟ ଦେଖିବେ ସହରବାସୀ



- ୨୦ରେ ଅନୁଗୋଳ ଆସିବେ ମୁଖ୍ୟମନ୍ତ୍ରୀ
- ୨୫୨ କୋଟିର ପ୍ରକଳ୍ପ ହେବ ଉଦ୍‌ଘାଟନ
- ୯୨୪ କୋଟି ଟଙ୍କା କାର୍ଯ୍ୟର କରାଯିବ ଶିଳାନ୍ୟାସ
- ୨ଲକ୍ଷ ୭୭ ହଜାର ଜଣଙ୍କୁ ବଣ୍ଟାଯିବ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ

**ଅନୁଗୋଳ ଅଫିସ, ୧୮।୧୧**

ସୁନ୍ଦର ଦିଶିବ ଅନୁଗୋଳ ସହର। ବହୁ କୋଟି ଟଙ୍କା ବ୍ୟୟରେ ଏଥିପାଇଁ ପ୍ରସ୍ତୁତ କରାଯାଇଛି ଭିତ୍ତିଭୂମି। ମାସ ମାସ ଧରି ବିଭିନ୍ନ ସ୍ଥାନରେ ଚାଲିଛି ନିର୍ମାଣ କାର୍ଯ୍ୟ। ଆଉ ମାତ୍ର ଦିନକ ପରେ ଅର୍ଥାତ୍ ୨୦ ତାରିଖରେ ଏସବୁ ଆସିବ ଲୋକଲୋଚନକୁ। ଅନୁଗୋଳ ଗସ୍ତରେ ଆସୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଏହାକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। କେବଳ ଏହି ସୌନ୍ଦର୍ଯ୍ୟକରଣ ନୁହେଁ, ଶତାଧିକ କୋଟି ଟଙ୍କା ବ୍ୟୟରେ ହୋଇଥିବା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ହେବ। ୯୨୪ କୋଟି ଟଙ୍କାରେ ହେବାକୁ ଥିବା ବହୁ ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଜିଲାର ୨ ଲକ୍ଷ ୭୭ ହଜାର ଗରିବଙ୍କୁ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯିବ।

ସହରର ଭିଆଇପି ରୋଡ୍ ହେଉ କି ବିଇଡି ଛକ, ଥାନା ଛକରୁ ଆରମ୍ଭ କରି ବୁଢ଼ୀ ଠାକୁରାଣୀ ଛକ, ସବୁଆଡ଼େ କରାଯାଇଛି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ। କେଉଁଠି ଅକାମୀ ଗାଡ଼ିକୁ କାଟି ନୂଆ ରୂପରେ ସଜାଯାଇଛି ତ ଆଉ କେଉଁସ୍ଥାନରେ ଇଫିଲ୍ ଟାୱାର, ଗିତାର, ଫୁଟବଲ, ହକି, ସୂର୍ଯ୍ୟ ନମସ୍କାର, ବିମାନ, ଖୋଲାବହି, ରୋବଟ୍ ଆଦିର ପ୍ରତିକୃତି ରାସ୍ତା ପାର୍ଶ୍ୱରେ ନିର୍ମାଣ କରାଯାଇଛି। ଯୁବପିଢ଼ିଙ୍କ ପସନ୍ଦକୁ ଲକ୍ଷ୍ୟ ରଖି ବିଜୁ ମଇଦାନ ଓ ଜିଲା କଳାକେନ୍ଦ୍ର ଠାରେ ସେଲ୍‌ଫି ପଏଣ୍ଟ 'ଆଇ ଲଭ୍ ଅନୁଗୋଳ' ତିଆରି ହୋଇଛି। ସେହିପରି ବିଜୁ ମଇଦାନରେ କ୍ୟାପିଟ୍ ଏରିଆକୁ ଲାଗି ଏକ ମଞ୍ଚ ସହ ଗ୍ରୀନ୍ ରୁମ୍ କରାଯାଇଛି। ଏଠାରେ ଅନୁଗୋଳବାସୀ ଏକ ନିଆରା ଅନୁଭୂତି ପାଇବେ ବୋଲି କୁହାଯାଇଛି। ବିଇଡି ଛକରୁ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ଛକ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାରେ ଖାଓ ଗଳି ବ୍ୟବସ୍ଥା କରାଯାଇଛି। ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ କରୁଥିବା ଲୋକଙ୍କ ପାଇଁ ସ୍ୱତନ୍ତ୍ର ହେଲ୍‌ଥ କରିଡର ପ୍ରସ୍ତୁତ ହୋଇଛି। ଗତବର୍ଷଠାରୁ ଏସବୁ ନିର୍ମାଣ ନିମନ୍ତେ ପ୍ରଶାସନ ପକ୍ଷରୁ ଜୋର୍ ଦିଆଯାଇଥିଲେ ମଧ୍ୟ କରୋନା ସଂକ୍ରମଣ ପାଇଁ ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଧିମେଇ ଯାଇଥିଲା। ଅନ୍ୟପକ୍ଷରେ ଜିଲାରେ ଥିବା ଗରିବ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ୨ଲକ୍ଷ ୭୭ ହଜାର ୮୫୦ ଜଣଙ୍କୁ ଏହି କାର୍ଡ ବଣ୍ଟନ ହେବ। ତେବେ ମଞ୍ଚରେ ୧୦ ଜଣଙ୍କୁ ନିଜେ ମୁଖ୍ୟମନ୍ତ୍ରୀ ଏହି କାର୍ଡ ପ୍ରଦାନ କରିବେ। ଅବଶିଷ୍ଟ କାର୍ଡଗୁଡ଼ିକୁ ପ୍ରଶାସନ ପକ୍ଷରୁ ବଣ୍ଟନ କରାଯିବ।

### ସ୍ମାର୍ଟ ହେଲ୍‌ଥ କାର୍ଡ ସୌଭାଗ୍ୟର କଥା



ଅନୁଗୋଳ ଗସ୍ତରେ ଆସୁଥିବା ମୁଖ୍ୟମନ୍ତ୍ରୀ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଲୋକାର୍ପଣ କରିବେ। ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ଲୋକଙ୍କୁ ବାଣ୍ଟିବେ। ଏହି ସୁବିଧା ଜିଲାବାସୀଙ୍କ ପାଇଁ ଏକ ସୌଭାଗ୍ୟର କଥା।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

### ସହଯୋଗ ମିଳିଲେ ଆହୁରି ଉନ୍ନତି



ଉନ୍ନୟନ କାର୍ଯ୍ୟ ଆରମ୍ଭ ପୂର୍ବରୁ ବିଭିନ୍ନ ବର୍ଗର ଲୋକ ସମାଲୋଚନା କରୁଥିଲେ। ଏବେ ସୌନ୍ଦର୍ଯ୍ୟକରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ପରେ ସହରବାସୀ ଜାଣିପାରିବେ। ଲୋକଙ୍କ ସହଯୋଗ ରହିଲେ ସହର ଆହୁରି ସୁନ୍ଦର ହେବ।

-ଗିରିଜା ଶଙ୍କର ମଲ୍ଲିକ, ନିର୍ବାହୀ ଅଧିକାରୀ, ପୌରପାଳିକା

## ୧୧ଟାରେ ପହଞ୍ଚିବେ ମୁଖ୍ୟମନ୍ତ୍ରୀ

**ଅନୁଗୋଳ ଅଫିସ, ୧୮।୧୧**

ଆସନ୍ତା ୨୦ ତାରିଖରେ ଆସୁଥିବା ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ସଭାସ୍ଥଳରେ ପହଞ୍ଚିବେ। ପ୍ରତି ନିର୍ବାଚନମଣ୍ଡଳୀରୁ ଜଣେ ଲେଖାଏ ହିତାଧିକାରୀଙ୍କୁ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ପରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ୧୧ଟା ୩୦ରେ ଢେଙ୍କାନାଳ ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲା ପ୍ରଶାସନ ନିକଟକୁ ସୂଚନା ପ୍ରଦାନ କରାଯାଇଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଅନୁଗୋଳ ସହରରୁ ଅଣ୍ଡା ଗାଏବ ହୋଇଯାଇଛି। ଗୋଇନ୍ଦା ବିଭାଗ ମଧ୍ୟ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି। କେହି ଯେପରି କଳାପତାକା ପ୍ରଦର୍ଶନ ନ କରିବେ ସେ ନେଇ ବିରୋଧୀଙ୍କ ଉପରେ କଡ଼ା ଦୃଷ୍ଟି ରଖାଯାଇଥିବା ସୂଚନା ମିଳିଛି। ଅନୁଗୋଳ ସଭାଘରଠାରେ ଗଣମାଧ୍ୟମ ପାଇଁ ସମସ୍ତ କାର୍ଯ୍ୟକ୍ରମର ସିଧା ପ୍ରସାରଣ ବ୍ୟବସ୍ଥା ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସ୍ଥାନୀୟ ଗଣମାଧ୍ୟମକୁ ବାରଣ

**ଢେଙ୍କାନାଳ ଅଫିସ, ୧୮।୧୧**

ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଢେଙ୍କାନାଳ ଜିଲା ଗସ୍ତରେ ଆସୁଛନ୍ତି। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମଧ୍ୟାହ୍ନ ୧୨ଟାରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଢେଙ୍କାନାଳ ଷ୍ଟାଡିୟମରେ ଅବତରଣ କରିବେ। ଏହାପରେ ମିନି ଷ୍ଟାଡିୟମ୍‌ରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେବେ। ମିନି ଷ୍ଟାଡିୟମରେ ମଞ୍ଚ, ସଭାସ୍ଥଳ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୁରକ୍ଷା ଦୃଷ୍ଟିରୁ ଗଣେଶ ବଜାର, ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକରେ ବ୍ୟାରିକେଡ୍ କରାଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ପ୍ରଥମ କରି ସ୍ଥାନୀୟ ଗଣମାଧ୍ୟମକୁ ବାରଣ କରାଯାଇଛି। ଗୋପବନ୍ଧୁ ଟାଉନହଲ୍‌ରେ ବଡ଼ ପରଦାରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିବା ଲାଗି ବ୍ୟବସ୍ଥା କରାଯାଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାରଦା ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି।

## ଜୀବନଖୋଲ ମହୋତ୍ସବ

**ଢେଙ୍କାନାଳ ଅଫିସ, ୧୮।୧୧**

ଢେଙ୍କାନାଳ ଆଞ୍ଚଳିକ ଗ୍ରାମ ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ଦ୍ୱିତୀୟ ଜୀବନଖୋଲ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରି କହିଲେ, କଳା ଓ ସଂସ୍କୃତିରେ ଢେଙ୍କାନାଳ ଜିଲା ଶ୍ରେଷ୍ଠ ସ୍ଥାନ ବଜାୟ ରଖିଛି। କଳାସଂସ୍କୃତିର ଏଭଳି ପ୍ରଚାରପ୍ରସାର ପାଇଁ ନିଆଯାଉଥିବା ପଦକ୍ଷେପ ଅନ୍ୟତ୍ର ଦେଖିବାକୁ ମିଳେନାହିଁ। ଏହାକୁ ଆଗକୁ ନେବାକୁ ସମସ୍ତେ ଏକାଠି ହୋଇ ପ୍ରୟାସ କରିବା ଜରୁରୀ ବୋଲି ଜିଲାପାଳ କହିଛନ୍ତି। ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମଣିଷ ନିଜ ରୁଚି ଓ ଦକ୍ଷତା ଅନୁଯାୟୀ କାର୍ଯ୍ୟକଲେ ଯେ କୌଣସି କାର୍ଯ୍ୟକ୍ରମ ସଫଳ ହୋଇପାରିବ। ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବ୍ଲକ୍ ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ ଯୋଗଦେଇ ଜୀବନଖୋଲ ଶୈବପୀଠର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ପୂର୍ବତନ ପୌରାଧକ୍ଷ ସୁଧାଂଶୁ କୁମାର ଦଳେଇ ମଞ୍ଚାସୀନ ଥିଲେ। ପରିଷଦର ସଭାପତି କୈଳାସ ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ କିଶୋର ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଶରତ ବେହେରା, ବନମାଳୀ ମଲ୍ଲିକ, ଶ୍ରୀରାମ ରାଉତ, ବ୍ରହ୍ମାନନ୍ଦ ସାହୁ, ରଞ୍ଜନ ନାୟକ, ରୁଦ୍ରାନ୍ତ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ମହୋତ୍ସବରେ ଏମ୍‌ପିଙ୍କ ସମେତ ମଞ୍ଚାସୀନ ଅନ୍ୟ ଅତିଥିମାନେ।

## ଧାରଣା ଦେବେ ସମବାୟ କର୍ମଚାରୀ

**ପରଜଙ୍ଗ, ୧୮।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁର ଗ୍ରାମ ନିକଟ ପତ୍ରଫଡ଼ି ଆମ୍ବତୋଟାରେ ଗୁରୁବାର ଢେଙ୍କାନାଳ, ଅନୁଗୋଳ ଜିଲା ସମବାୟ ସମିତି କର୍ମଚାରୀ ଏବଂ ଲ୍ୟାମ୍ପ କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ନିଷ୍ପତ୍ତିକ୍ରମେ ଆସନ୍ତା ୨୦ତାରିଖରେ ରାଜ୍ୟର ସମସ୍ତ ଡିଆର୍‌ସିଏସ୍ କାର୍ଯ୍ୟାଳୟରେ ଏବଂ ୨୨ତାରିଖରେ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସମ୍ମୁଖରେ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥି ପୂର୍ବରୁ ନଭେମ୍ବର ୧୪ରୁ ୫ଦଫା ଦାବିରେ ଅନିର୍ଦ୍ଦିଷ୍ଟ କାଳ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ ଏବଂ ଧାରଣା ଦେବାକୁ ନିଷ୍ପତ୍ତି ହୋଇଥିଲା। ଏ ନେଇ ଜନପ୍ରତିନିଧିଙ୍କ ସହ ଆଲୋଚନା ବିଫଳ ହୋଇଛି। ତେଣୁ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଢେଙ୍କାନାଳ ଏବଂ ଅନୁଗୋଳ ଜିଲା ଅଧୀନରେ ୧୭ ଶାଖା ଥିବାବେଳେ ୧୮୩ ସମବାୟ ସମିତି ରହିଛି। ଆନ୍ଦୋଳନରେ ସମସ୍ତ କର୍ମଚାରୀ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।

ବୈଠକରେ ଢେଙ୍କାନାଳ ସଂଘ ସଭାପତି ବିଷ୍ଣୁ ଚରଣ ସାହୁ, ସାଧାରଣ ସମ୍ପାଦକ ମନୋଜ ମିଶ୍ର, ସମ୍ପାଦକ ସନ୍ତୋଷ ମିଶ୍ର, ଉପସଭାପତି ନିମାଇଁ ଚରଣ ସାହୁ, କୋଷାଧକ୍ଷ ସଞ୍ଜୟ ନାଥ, ସଙ୍ଗଠକ ଦୁର୍ଯ୍ୟୋଧନ ବେହେରା, ସତ୍ୟଜିତ କର, ପ୍ରଦ୍ୟୁମ୍ନ ବିଶ୍ୱାଳ, ଅନୁଗୋଳ ଜିଲା ସଭାପତି ଗିରୀଶ ଚନ୍ଦ୍ର ଖିଲାର, ସାଧାରଣ ସମ୍ପାଦକ ଶିବାନୀ ସାହୁ, ସଙ୍ଗଠକ ପାର୍ଥସାରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ ମିଶ୍ର, ଦୁର୍ଲଭାନନ୍ଦ ସାହୁ ପରିଚାଳନାରେ ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ସଂଘର କର୍ମଚାରୀମାନେ।

## ମୁକ୍ତା ଯୋଜନାରେ ୧୦.୮ କୋଟି ମଞ୍ଜୁର



ଖବରଦାତା ସମ୍ମିଳନୀରେ ବିଧାୟକଙ୍କ ସମେତ ବିଜେଡି ନେତୃମଣ୍ଡଳୀ।

**ଢେଙ୍କାନାଳ ଅଫିସ, ୧୮।୧୧**

### ପୌରାଞ୍ଚଳର ୨୩ ୱାର୍ଡର ହେବ ବିକାଶ

ଢେଙ୍କାନାଳ ସହର ନବକଳେବର ପାଇଁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ୧୦ କୋଟି ୮୦ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଏହି ଟଙ୍କା ପୌରାଞ୍ଚଳ ଅଧୀନ ୨୩ ୱାର୍ଡର ବିକାଶମୂଳକ କାର୍ଯ୍ୟରେ ଖର୍ଚ୍ଚ ହେବ। ଗୁରୁବାର ଅପରାହ୍ନରେ ଜିଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ସୁଧୀର କୁମାର ସାମଲ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ମଞ୍ଜୁର ହୋଇଥିବା ଅନୁଦାନ ରାଶିରେ ୨୩ ୱାର୍ଡରେ ମୋଟ ୧୯୯ ପ୍ରକଳ୍ପ କରାଯିବ। ୮ କ୍ଷୁଦ୍ର ଉଦ୍ୟାନ ପାଇଁ ୧ କୋଟି ୬୬ଲକ୍ଷ, ୧୨ ସର୍ବସାଧାରଣ ଜିମ୍ ପାଇଁ ୮୦ ଲକ୍ଷ, ୬ ଶିଶୁ କ୍ରୀଡ଼ା ଉଦ୍ୟାନ ପାଇଁ ୨୧ଲକ୍ଷ, ୭ ପାଦଚଲା ରାସ୍ତା ପାଇଁ ୩୨ ଲକ୍ଷ, ୩ ଜଳାଶୟ ପାଇଁ ୩୦ ଲକ୍ଷ, ୧୯ ଶୌଚାଳୟ ପାଇଁ ୫୩ ଲକ୍ଷ, ୯ ଭେଣ୍ଡିଂ ଜୋନ୍ ପାଇଁ ୧ କୋଟି ୫ଲକ୍ଷ, ୭୫ ରାସ୍ତା ଏବଂ ଡ୍ରେନ୍ ପାଇଁ ୩ କୋଟି ୨୮ଲକ୍ଷ, ଅନ୍ୟ ୫୬ ରାସ୍ତା ପାଇଁ ୨ କୋଟି ୨୮ଲକ୍ଷ ଏବଂ ୪ ଖେଳପଡ଼ିଆ ପାଇଁ ୪୫ଲକ୍ଷ ଟଙ୍କା ବ୍ୟୟ କରାଯିବ। ମୁଖ୍ୟମନ୍ତ୍ରୀ ଅନୁରୋଧ ରକ୍ଷା କରିଥିବାରୁ ବିଧାୟକ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଖବରଦାତା ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ସାହୁ, ନଗର ବିଜେଡି ସଭାପତି ଇନ୍ଦ୍ରମଣି ବେହେରା, ପୂର୍ବତନ ଡ୍ରିଟ୍ ଅଧକ୍ଷ ଦେବୀ ପ୍ରସାଦ ଭୂତିଆ, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ଜିଲା ସାଧାରଣ ସମ୍ପାଦକ ମହମ୍ମଦ ଅଫଜଲ, ଦେବାଶିଷ ମିଶ୍ର, ନଗର ଯୁବ ବିଜେଡି ସଭାପତି ବିନୋଦ ମହାନ୍ତି, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ଶଶିକାନ୍ତ ମିଶ୍ର, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍-ଟାଟାଏସିଇ ଧକ୍କା, ଜଣେ ମୃତ

**ବଇଣ୍ଡା,୧୮।୧୧(ଡି.ଏନ.ଏ.)**

ହଣ୍ଡପା ଥାନା ମାଧପୁର ନିକଟରେ ବୁଧବାର ଏକ ଟାଟା ଏସିଇ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍‌ରେ ବସିଥିବା ପ୍ରତାପପୁର ଗ୍ରାମର ରତ୍ନାକର ପ୍ରଧାନଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସହଯୋଗୀ ବୁଦ୍ଧୁଲିମୁଣ୍ଡା ଗ୍ରାମର ଅଭିଜିତ ଘିୱାଲା ଗୁରୁତର ହୋଇଛନ୍ତି। ରତ୍ନାକର ଓ ଅଭିଜିତ ମଧପୁରରୁ ନାକିଚି ଆସୁଥିବାବେଳେ ଟାଟାଏସି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ରତ୍ନାକରଙ୍କୁ ମୃତ ଘୋଷଣା କରିଥିଲେ। ହଣ୍ଡପା ଆଇଆଇସି ପ୍ରଦୀପ ପ୍ରଧାନ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ତଦନ୍ତ ଚଳାଇଛନ୍ତି।

## ମାଡ଼ ଘଟଣା, ଅଭିଯୁକ୍ତ ଗିରଫ

**ବଇଣ୍ଡା,୧୮।୧୧(ଡି.ଏନ.ଏ.)**

ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନିବାସରେ ମଙ୍ଗଳବାର ରାତିରେ ପଶି କର୍ମଚାରୀ ଲଳିତା ନାୟକଙ୍କୁ ପଥରଗୁମ୍ଫା ଗ୍ରାମର ପ୍ରଶାନ୍ତ ପ୍ରଧାନ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଗୁରୁବାର ସକାଳେ ପ୍ରଶାନ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

# ବାର୍‌ହା ଉପଦ୍ରବ ସୀମାପାର

**ରାସୋଳ, ୧୮।୧୧(ଡି.ଏନ୍.ଏ.)**

- ଶତାଧିକ ଏକର ଫସଲ ଉଜାଡ଼ିଦେଲେ
- ଅହେତୁକ ବଂଶବୃଦ୍ଧି ବଢ଼ାଇଛି ସମସ୍ୟା
- ସ୍ଥାୟୀ ପ୍ରତିକାର ଦାବି କଲେ କ୍ଷତିଗ୍ରସ୍ତ ଚାଷୀ

ବିହନ ବୁଣିବା ସମୟରେ ବର୍ଷା ହେଲାନି। ଧାନ ତଳି ଉଠିବାଠାରୁ ରୋଇବା ଯାଏ ପାଣି ପାଇଁ ସଂଘର୍ଷ କଲେ ଚାଷୀ। ବଡ଼ କଷ୍ଟରେ ଫସଲ ବଞ୍ଚାଇ ରଖିଥିବାବେଳେ ଏବେ ପାଚି ଆସିଲାଣି ଧାନ। ହେଲେ ଫସଲ ଅମଳ ବେଳକୁ ହାତୀ, ବାର୍‌ହା, ମାଙ୍କଡ଼, ଷଣ୍ଢ ଉପଦ୍ରବ ଚାଷୀଙ୍କ ନିଦ ହଜାଇ ଦେଇଛି। ସ୍ଥିତି ଏମିତି ହୋଇଛି ଯେ, ବର୍ଷକର ଝାଳବୁହା ପରିଶ୍ରମର ମୂଲ୍ୟ ମିଳିବ କି ନାହିଁ ତାହାକୁ ନେଇ ଆଶଙ୍କା ଦେଖାଦେଲାଣି। ବନ୍ୟଜନ୍ତୁ ଉପଦ୍ରବରୁ ଫସଲକୁ ସୁରକ୍ଷା ଦେବାରେ ବନ ବିଭାଗ, ପ୍ରଶାସନ ବିଫଳ ହୋଇଥିବାବେଳେ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଅଞ୍ଚଳର ଚାଷୀ।

ରାସୋଳ ଅଞ୍ଚଳରେ ହାତୀ ଏବଂ ବାର୍‌ହା ଉପଦ୍ରବ ସୀମା ଟପିଛି। ରାତି ଅଧରେ ବାର୍‌ହା ପଲ ଜମିରେ ପଶି ଫସଲ ଉଜାଡ଼ି ଦେଉଛନ୍ତି। ଏଥିରେ କେବଳ ଯେ, ଧାନ ଚାଷ ପ୍ରଭାବିତ ହେଉଛି ତାହା ନୁହେଁ, ଚିନାବାଦାମ, ଓଲୁଅ, ଆଳୁ ଚାଷ କରିଥିବା ଚାଷୀ ମଧ୍ୟ ବ୍ୟାପକ କ୍ଷତି ସହୁଛନ୍ତି। ରାସୋଳ, କୁନୁଆ, ବୁହାଳିପାଳ, ଦଣ୍ଡିରି, ନବକିଶୋରପୁର, ଗଣ୍ଡାନାଳୀ, ଗିରିଧରପ୍ରସାଦ, ବମ୍ପା, ବାବନ୍ଧ ଆଦି ଅଞ୍ଚଳରେ ବାର୍‌ହା ବଂଶ ଅହେତୁକ ଭାବେ ବୃଦ୍ଧି ପାଇଛି। ଗାଁ ଉପକଣ୍ଠରେ ଥିବା ବୁଦ୍ଧୁବୁଦିଆ ଜଙ୍ଗଲରେ ରହୁଥିବା ବାର୍‌ହା ପଲ ସଞ୍ଜ ନଇଁଲେ ଜମିମୁହାଁ ହେଉଛନ୍ତି। ରାତି ସାରା ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରି ଦେଉଛନ୍ତି। ମାଟି ତଳେ ହେଉଥିବା ଫସଲ ମଧ୍ୟ ସେମାନଙ୍କ ମୁହଁରୁ ବର୍ତ୍ତୁନି। କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କହି ବନ ବିଭାଗ ଦାୟିତ୍ୱ ସାରି ଦେଉଥିବାବେଳେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ରୂପ ଧାରଣ କରିଛି।

ଦୋଳ ସାହୁ, ଲକ୍ଷ୍ମୀଧର ସାହୁ, ରମେଶ ବିଶ୍ୱାଳ, ବିଦ୍ୟାଧର ବେହେରା, ଅନେଇ ସାହୁ, ଗଣି ପଧାନ, ରଘୁନାଥ ପାଳ, ସୁଶୀଳ ପାଳ, ମନୋଜ ମିଶ୍ର, ବିଜୁ ସାମଲ, ତ୍ରିନାଥ ପଟ୍ଟନାୟକ, ସୁବାସ ସାମଲ, ମହରଗା ସାମଲ, କୃଷ୍ଣ ଗଡ଼ନାୟକଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ବ୍ୟାପକ ଫସଲ ବାର୍‌ହା ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଚାଷୀଙ୍କ କହିବା କଥା, ଫସଲ କ୍ଷତିପୂରଣ ବାବଦରେ ବନ ବିଭାଗ ପକ୍ଷରୁ ଏକର ପିଛା ମାତ୍ର ୧୩୦୦ ଟଙ୍କା ଦିଆଯାଉଛି, ଯାହା ସମୁଦ୍ରକୁ ଶଙ୍ଖେ। ତାହା ବି ୪ରୁ ୬ ମାସ ପରେ ମିଳୁଛି। କରୋନା ମହାମାରୀ ସମୟରେ ଅନେକ ଶିକ୍ଷିତ ଯୁବକ ଚାଷକୁ ବୃତ୍ତିଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଧାରକରଜ, ଋଣ କରି ଫସଲ କରିଛନ୍ତି। ହେଲେ ବନ୍ୟଜନ୍ତୁଙ୍କ ଉପଦ୍ରବ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଉଛି। ଏଭଳି ସମସ୍ୟା ପ୍ରତିବର୍ଷ ହେଉଥିବାବେଳେ ବନ ବିଭାଗ ଏହାକୁ ଅତି ହାଲୁକା ଭାବେ ନେଉଛି। ଏହାର ପ୍ରତିକାର ନ ହେଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ରେଞ୍ଜର ଲୋହିତ କୁମାର ରଥ କୁହନ୍ତି, ଅଞ୍ଚଳରେ ବାର୍‌ହା ବଂଶ ବୃଦ୍ଧି ପାଇଛି। ସେମାନଙ୍କ ଉପଦ୍ରବ ମଧ୍ୟ ବଢ଼ିଛି। ସ୍ୱଳ୍ପ ସମ୍ବଳରେ ଏହାର ପ୍ରତିକାର କରିବାକୁ ଉଦ୍ୟମ କରାଯାଉଛି। ଆବେଦନ କଲେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ରେଞ୍ଜର ଆଶ୍ୱାସନା ଦେଇଛନ୍ତି।



ବାର୍‌ହା ନଷ୍ଟ କରିଦେଇଥିବା ଧାନ ଫସଲ।

